# NATIONAL NEWS BULLETIN (ODIA)

**14 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି  ପାଳନ କରାଯାଉଛି ରଙ୍ଗର ପର୍ବ ହୋଲି ।
- ୟୁକ୍ରେନ୍ ସଂଘର୍ଷର ସମାଧାନ ପ୍ରୟାସ ପାଇଁ  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ କୃତଜ୍ଞତା ଜଣାଇଲେ ରୁଷ୍ ରାଷ୍ଟ୍ରପତି
- ଆସାମ ଗସ୍ତରେ ଯାଇ ଆଜି ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ନିମନ୍ତେ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପଗୁଡ଼ିକରେ ପୁଞ୍ଜି ନିବେଶ କରୁଛି ଭାରତ, କହିଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆସନ୍ତାକାଲି ଫାଇନାଲ୍‌ରେ ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ।

---

## ହୋଲି ସେଲିବ୍ରେସନ

ହୋଲି ପର୍ବ କେବଳ ରଙ୍ଗ ଓ ଅଭିରରେ ସୀମିତ ନୁହେଁ । ଭାରତର ବିଭିନ୍ନ ରାଜ୍ୟରେ ଏହା ଭିନ୍ନ ଭିନ୍ନ ନାମରେ ଅନନ୍ୟ ପରମ୍ପରା ସହ ପାଳନ କରାଯାଉଛି ।

ଉତ୍ତରପ୍ରଦେଶର ବ୍ରଜମଣ୍ଡଳରୁ ଆରମ୍ଭ କରି ଅଯୋଧ୍ୟା ଧାମ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରେ ହୋଲି ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୋରଖପୁରଠାରୁ ଆଜି ଭଗବାନ ନୃସିଂହ ବିଶ୍ୱଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମଥୁରା ଓ ବୃନ୍ଦାବନରେ ଏକମାସ ବ୍ୟାପୀ ହୋଲି ଉତ୍ସବ ପାଳନ କରାଯିବ। ଆଜି ସକାଳେ ବାରଣାସୀରେ ଶ୍ରୀ କାଶୀ ବିଶ୍ୱନାଥ ଓ ଅଯୋଧ୍ୟାରେ ଶ୍ରୀ ରାମଲାଲାଙ୍କୁ ଅବିର ଅର୍ପଣ କରାଯାଇଛି । ଉତ୍ତରପ୍ରଦେଶରେ ହୋଲି ପର୍ବ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଗୁଜରାଟରେ ଆଜି ହୋଲି ଧୁଲେଟୀ ପାଳନ କରାଯାଉଛି । ଆଜି ମଧ୍ୟ ଫୁଲ ଦୋଳ ଉତ୍ସବ ଏବଂ ଫାଲଗୁନୀ ପୂର୍ଣ୍ଣିମା ରାଜ୍ୟର ବିଭିନ୍ନ ତୀର୍ଥସ୍ଥଳୀରେ ପାଳନ କରାଯାଉଛି ।

ଦ୍ୱାରକାରେ ଦ୍ୱାରକାଧୀଶଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି ।

ପଶ୍ଚିମବଙ୍ଗରେ ଆନନ୍ଦ ଉଲ୍ଲାସର ସହିତ ରଙ୍ଗର ପର୍ବ ହୋଲି ପାଳିତ ହେଉଛି । ହାଓ୍ୱଡ଼ା ଜିଲ୍ଲା ବେଲୁର ମଠରେ ଶ୍ରଦ୍ଧାଳୁମାନେ ହୋଲି ଉତ୍ସବରେ ସାମିଲ ହୋଇଛନ୍ତି । ଗୌଡ଼ୀୟ ମଠରେ ମଧ୍ୟ ଆଜି ପାରମ୍ପରିକ ରୀତିମତେ ଭଗବତ ସଭାର ଆୟୋଜନ କରାଯାଇଛି । ମଠ ପକ୍ଷରୁ ଗୌଡ଼ ପରିକ୍ରମା କୋଲକାତାର ବିଭିନ୍ନ ଅଞ୍ଚଳରେ କରାଯାଇଛି । ସେହିଭଳି ନଦୀଆ ଜିଲ୍ଲା ମାୟାପୁରସ୍ଥିତ ଇସ୍କନରେ ହଜାର ହଜାର ଶ୍ରଦ୍ଧାଳୁ ହୋଲି ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଛନ୍ତି । ଶାନ୍ତି ଓ

ଶୃଙ୍ଖଳାର ସହିତ ରାଜ୍ୟରେ ହୋଲି ପର୍ବ ପାଳନ କରାଯିବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ପଞ୍ଜାବରେ ନିହଙ୍ଗମାନେ ଆନନ୍ଦପୁର ସାହିବ୍‌ରେ ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ ପୂର୍ବକ ହୋଲାମୋହଲା ପର୍ବ ପାଳନ କରୁଛନ୍ତି । ତାମିଲନାଡୁରେ ଭଗବାନ ବିଷ୍ଣୁଙ୍କ ମନ୍ଦରରେ ତୀର୍ଥଓ୍ୱାରୀ ଆୟୋଜନ କରାଯାଇଛି । ମଣିପୁରରେ ପାରମ୍ପରିକ ଢ଼ୋଲ ବାଦ୍ୟ ମଧ୍ୟରେ କୃଷ୍ଣ ଦର୍ଶନ କରାଯାଉଛି ।

ରାଜସ୍ଥାନରେ ହୋଲି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଗତ ସଂଧ୍ୟାରେ ରାଜସ୍ତାନର ସହର ଓ ଗାଁର ବିଭିନ୍ନ ସ୍ଥାନରେ ଏହି ଉପଲକ୍ଷେ 'ହୋଲି କା ଦହନ' ଅନୁଷ୍ଠିତ ହୋଇଥିଲା ।

ପରମ୍ପରା ଅନୁଯାୟୀ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଜୟପୁରର ଗୋବିନ୍ଦ ଦେବଜୀ ମନ୍ଦିର ଏବଂ ନାଥ ଦ୍ୱାରର ଶ୍ରୀନାଥଜୀ ମନ୍ଦିରରେ ଫୁଲ ଓ ଅବିରରେ ହୋଲି ଖେଳିବାକୁ ଭକ୍ତମାନେ ପହଞ୍ଚିଥିଲେ । ଆଜ୍‌ମେର ନିକଟରେ ପୁଷ୍କରଠାରେ ଏଥିଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସେଠାରେ ହଜାର ହଜାର ସଂଖ୍ୟାରେ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ହୋଲି ପାଳନ କରିଛନ୍ତି । ଆଜି ଧୁଲନ୍ଦି ଅବସରରେ ସାରା ରାଜ୍ୟରେ ହୋଲି ପାଳିତ ହେଉଛି ।

# ହୋଲି ଗ୍ରୀଟିଙ୍ଗସ୍

ରଙ୍ଗର ପର୍ବ ହୋଲି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ରଙ୍ଗର ପର୍ବ ହୋଲି ସମସ୍ତଙ୍କ ପାଇଁ ଖୁସି ଓ ଉତ୍ସାହ ଆଣିଥାଏ । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖସମୃଦ୍ଧି ଆଣିଦେଉ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ପର୍ବ ଏକତାର ପ୍ରତୀକ ଭାବେ ପାଳନ କରାଯାଇଥାଏ । ଅସତ୍ୟ ଉପରେ ସତ୍ୟର ଜୟ ଏବଂ ସମାଜରେ ଭଲପାଇବାର ବାର୍ତ୍ତାକୁ ଏହି ପର୍ବ ପ୍ରଚାର କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ହୋଲି ମନ୍ଦ ଉପରେ ଭଲର ବିଜୟ ଏବଂ ବସନ୍ତର ଆଗମନକୁ ସୂଚୀତ କରେ । ଏହା ନୂତନ ଆରମ୍ଭ ଏବଂ ନୂତନ ଦୃଷ୍ଟିକୋଣର ପ୍ରତୀକ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଓ ଗଣମାଧ୍ୟମ ପୋଷ୍ଟରେ ହୋଲି ଉତ୍ସବ ସମସ୍ତଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ଭରିଦେବା ସହିତ ସମସ୍ତଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିଦେଉ ବୋଲି ଲେଖିଛନ୍ତି । ଦେଶବାସୀଙ୍କ ମଧ୍ୟରେ ଏକତାର ରଙ୍ଗ ଆହୁରି ନିବିଡ଼ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଶବାସୀଙ୍କୁ ହୋଲି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ।

---

# ପୁଟିନ

ୟୁକ୍ରେନ୍ ସଂଘର୍ଷ ସମାଧାନ ପାଇଁ ଚିନ୍ତା ପ୍ରକଟ କରିଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନ୍ୟାନ୍ୟ ବିଶ୍ୱ ନେତାଙ୍କୁ ରୁଷର ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କୃତଜ୍ଞତା ଜଣାଇଛନ୍ତି । ବେଲାରୁଷର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାସେଙ୍କ ଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ପୁଟିନ କହିଛନ୍ତି, ଶ୍ରୀ ମୋଦୀ, ଶ୍ରୀ ଟ୍ରମ୍ପଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ନେତାମାନେ ଯୁଦ୍ଧ ବନ୍ଦ ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି ।

ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତମାସରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ହ୍ୱାଇଟ୍ ହାଉସ୍‌ରେ ଏକ ବୈଠକରେ ରୁଷ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ଆଲୋଚନା କରିଥିଲେ । ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଅତ୍ୟନ୍ତ ଆଗ୍ରହୀ ବୋଲି ଶ୍ରୀ ମୋଦୀ କହିଥିଲେ :

**V/O**

ଇତିମଧ୍ୟରେ ଆମେରିକା ପକ୍ଷରୁ ୟୁକ୍ରେନ୍‌ରେ ୩୦ ଦିନ ପାଇଁ ଦିଆଯାଇଥିବା ଯୁଦ୍ଧ ବିରତି ପ୍ରସ୍ତାବକୁ ରୁଷ ଗ୍ରହଣ କରୁ ବୋଲି ଟ୍ରମ୍ପ୍ ଅନୁରୋଧ କରିଛନ୍ତି । ୟୁକ୍ରେନ୍ ଯୁଦ୍ଧ ବିରତି ପ୍ରସ୍ତାବକୁ ଗ୍ରହଣ କରିଛି । ତେବେ ପୁଟିନ୍ ଯୁଦ୍ଧ ବିରତି ପ୍ରସ୍ତାବକୁ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିଥିଲେ ମଧ୍ୟ ଏହି ପ୍ରସ୍ତାବ କିଭଳି କାର୍ଯ୍ୟକାରୀ ହେବ ସେ ନେଇ କେତେଗୁଡ଼ିଏ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ଏ ପ୍ରସଙ୍ଗରେ ପୁଟିନଙ୍କ ସହିତ ପୁଣି ଆଲୋଚନା ହେବ ବୋଲି ଶ୍ରୀ ଟ୍ରମ୍ପ୍ କହିଥିବା ଜଣାପଡ଼ିଛି ।

---

# ଅମିତ ଶାହା-ଆସାମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସନ୍ଧ୍ୟାରେ ଆସାମ ଗସ୍ତ କରିବେ । ସେଠାରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି । ଜୋରହାଟ ବିମାନ ବନ୍ଦରରେ ପହଞ୍ଚିବା ପରେ ଶ୍ରୀ ଶାହା ଗୁଲାଘାଟ ଅଭିମୁଖେ ଯାତ୍ରା କରିବେ ଏବଂ ଦେର୍‌ଗାଓଁର ଲଚିତ ବାରଫୁକାନ ପୁଲିସ୍ ଏକାଡେମୀରେ ରାତ୍ରୀ ଯାପନ କରିବେ ।

ଆସନ୍ତାକାଲି ସକାଳେ ଶ୍ରୀ ଶାହା ମିଜୋରାମ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅତ୍ୟାଧୁନିକ ପୁଲିସ୍ ଏକାଡେମୀର ଉଦ୍‌ଘାଟନ କରିବେ । ଅପରାହ୍ଣରେ ସେ ଆଇଜୋଲ୍‌ରେ ଆସାମ ରାଇଫଲ ପ୍ରତିଷ୍ଠାନ ଗୁଡ଼ିକୁ ଜୋଖାଓ୍ୱାସଙ୍ଗକୁ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ସେ ଗୌହାଟୀରେ ରାତ୍ରୀ ଯାପନ କରିବେ ।

ରବିବାର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କୋକ୍ରାଝର ଜିଲ୍ଲାର ଡୋଟମା ଠାରେ ବୋଡୋ ଛାତ୍ର ସଂସଦର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରିବେ । ସେହିଦିନ ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମୀକ୍ଷା କରିବେ ।

---

# ସିବିଏସ୍‌ଇ ଏକ୍ସାମ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି, ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୧୫ରେ ଦେଶର ସବୁଆଡ଼େ ହୋଲିପର୍ବ ପାଳନ ହେଉଥିବା ସତ୍ତ୍ୱେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ ।

ବୋର୍ଡ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆସନ୍ତାକାଲି ହିନ୍ଦୀ କୋର୍ ଏବଂ ଇଲେକ୍‌ଟିଭ୍ ବିଷୟ ପରୀକ୍ଷା କରାଯିବ । ଯଦି କୌଣସି ଛାତ୍ରଛାତ୍ରୀ ଆସନ୍ତାକାଲି ପରୀକ୍ଷା ଦେଇ ନ ପାରିବେ ତେବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର ପରୀକ୍ଷା ଦେଇପାରିବେ ।

---

## ଆରବିଆଇ

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସକୁ ଗୁରୁତ୍ୱ ଦେଇ ଭାରତ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପଗୁଡ଼ିକରେ ପୁଞ୍ଜି ନିବେଶ କରୁଛି ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ଏହାର ପ୍ରଭାବ ଏବଂ ପାଣି ସମ୍ବନ୍ଧୀୟ ସେମିନାର୍‌କୁ ସମ୍ବୋଧିତ କରି ଶ୍ରୀ ମାଲହୋତ୍ରା କହିଛନ୍ତି, ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକ ଏ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରୁଥିବା ବେଳେ ଏବେ ଏହାକୁ ବିକାଶର ଲକ୍ଷ୍ୟ ଭାବେ ଧାର୍ଯ୍ୟ କରିଛନ୍ତି । ଏହି ଅବସରରେ ସେ ବିଭିନ୍ନ ପ୍ରକାର ଅଣପାରମ୍ପରିକ ଶକ୍ତି ଉତ୍ସ ତଥା ମାଇକ୍ରୋ ପ୍ରକଳ୍ପ ଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଥିବା କହିଛନ୍ତି ।

---

## ଲଦାଖ-ଆର୍ଥକ୍ୱେକ୍

ଲଦାଖର କାର୍ଗିଲ ଅଞ୍ଚଳରେ ଆଜି ୫ ଦଶମିକ ୨ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ଜାତୀୟ ଭୂମିକମ୍ପ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହି ଭୂମିକମ୍ପର ପ୍ରଭାବ ଜାମ୍ମୁ ଓ କାଶ୍ମୀରେ ମଧ୍ୟ ଅନୁଭୂତ ହୋଇଥିଲା । ରାତି ପ୍ରାୟ ୨ଟା ୫୦ ମିନିଟ୍‌ରେ ଭୂପୃଷ୍ଠରୁ ୧୫

କିଲୋମିଟରର ତଳେ ସୃଷ୍ଟ  ଏହି ଭୂମିକମ୍ପ ଦ୍ୱାରା କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି ।

# ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ । ଗତକାଲି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏଲିମିନେଟର୍ ପର୍ଯ୍ୟାୟରେ ମୁମ୍ବାଇ ଇଣ୍ଡିଆନ୍ସ ୪୭ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ସର୍ବାଧିକ ୧୦ ପଏଣ୍ଟ ସହ ଦିଲ୍ଲୀ କ୍ୟାପିଟାଲ୍‌ସ  ଫାଇନାଲ୍‌ରେ ପହଞ୍ଚିଛି ।